# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 6 July – 2026

*******************************

## ମୁଖ୍ୟ ସମ୍ବାଦ

- ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ନିୟମିତ ଏବଂ ପୁରୀ–କୋରାପୁଟ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଶୁଭାରମ୍ଭ
- ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ନେଇ ସମନ୍ୱୟ, ସମର୍ପଣ ଓ ସେବାଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୪୯୪ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି

– ଗୁରୁବାର ଦିନ ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସିତ ହେବ ପ୍ରଥମ ବନ୍ୟାଜଳ

# ଅମୃତ ଭାରତ ଏକ୍ସପ୍ରେସ୍

ବ୍ରହ୍ମପୁର–ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ନିୟମିତ ଚଳାଚଳକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ବ୍ରହ୍ମପୁର-ଉଧନା ଏକ୍ସପ୍ରେସ୍ ଟ୍ରେନ୍ ସପ୍ତାହକୁ ଥରେ ଏବଂ ପରେ ତିନିଦିନ ଚଳାଚଳ କରୁଥିଲା। ତେବେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଟ୍ରେନ୍‌କୁ ପ୍ରତିଦିନ ଚଳାଚଳ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଟ୍ରେନ୍ ଚଳାଚଳ ଶୁଭାରମ୍ଭ ଅବସରରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି...

**- V/O -**

ପୁରୀ–କୋରାପୁଟ–ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ ମଧ୍ୟ ଆଜି ଶୁଭାରମ୍ଭ ହୋଇଛି। ପୁରୀ ଷ୍ଟେସନ୍‌ଠାରେ ଶ୍ରୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାର ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ୍ ସପ୍ତାହକୁ ତିନିଦିନ ଚଳାଚଳ କରିବ।  ଏହି ନୂତନ ରେଳସେବା ଶ୍ରୀକ୍ଷେତ୍ର ପୁରୀ ଏବଂ ସାବର ଶ୍ରୀକ୍ଷେତ୍ର କୋରାପୁଟକୁ ସଂଯୋଗ କରି ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବ। ଏହା ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଯାତ୍ରା ସହିତ ସେଠାକାର ଆର୍ଥିକ ଓ ସାମାଜିକ କ୍ଷେତ୍ରକୁ ଅଧିକ ବ୍ୟାପକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଟ୍ରେନ୍ ଚଳାଚଳ ଆରମ୍ଭ ହେବା ଫଳରେ କୋରାପୁଟ କଫି ଓ ସ୍ଥାନୀୟ ଉତ୍ପାଦ ପାଇଁ ବଜାର କ୍ଷେତ୍ର ବୃଦ୍ଧି ପାଇବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରେଳମନ୍ତ୍ରୀ ପୁରୀ ରେଳଷ୍ଟେସନ୍‌ର ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଥିଲେ।

Desk

## ରଥଯାତ୍ରା ସମନ୍ୱୟ ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀ ଟାଉନହଲଠାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସମନ୍ୱୟ, ସମର୍ପଣ ଓ ସେବାଭାବ ସହ କାର୍ଯ୍ୟ କରିବାକୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ସେବକଙ୍କୁ ପରାମର୍ଶ ଦେଇଛନ୍ତି। ରଥଯାତ୍ରାରେ ସୁରକ୍ଷା, ଭିଡ଼ ପରିଚାଳନା, ସ୍ୱାସ୍ଥ୍ୟସେବା, ପରିମଳ, ପାନୀୟଜଳ, ଟ୍ରାଫିକ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ନିଶ୍ଚିତ କରାଯାଇଛି।

ସୁରକ୍ଷାକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା ଲଗାଯାଇ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ କରାଯିବାକୁ ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୨ ତାରିଖ ମଧ୍ୟରେ ରେଳବାଇ ଓ ପରିବହନ ବିଭାଗର ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ

ପ୍ରକାଶିତ ରୂପରେଖ ରଥଯାତ୍ରା-୨୦୨୬ ପୁସ୍ତିକାକୁ ଉନ୍ମୋଚନ କରିଥିଲେ।

Desk

## ରଥଯାତ୍ରା– ସମୀକ୍ଷା ବୈଠକ

ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କୁ ନିରବଚ୍ଛିନ୍ନ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କରାଯାଇଥିବା ପ୍ରସ୍ତୁତି, ବ୍ୟବସ୍ଥା ଓ ଜରୁରୀକାଳୀନ ସେବା ସମ୍ପର୍କରେ ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅତିରିକ୍ତ ବିଶେଷଜ୍ଞ ଡାକ୍ତର, ନର୍ସିଂ ଅଫିସର ଏବଂ ଫାର୍ମାସିଷ୍ଟମାନଙ୍କୁ ରଥଯାତ୍ରା ଦାୟିତ୍ୱ ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅତିରିକ୍ତ ୪୬ଟି ୧୦୮ ଆମ୍ବୁଲାନ୍ସ ମୁତୟନ କରାଯିବ। ଶ୍ରୀମନ୍ଦିର ବେଢ଼ା ଭିତରେ ଟ୍ରାଫିକ ସମସ୍ୟାର ସମାଧାନ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଆମ୍ବୁଲାନ୍ସ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରାଯିବ। ଭକ୍ତମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଚଳିତ ବର୍ଷର ରଥଯାତ୍ରା ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳତାର ସହ ସମ୍ପନ୍ନ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

Desk

## ଶ୍ରୀକ୍ଷେତ୍ର ଭିତ୍ତିଭୂମି ବିକାଶ

ଶ୍ରୀକ୍ଷେତ୍ର ପୁରୀକୁ ପ୍ରତିବର୍ଷ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆଧୁନିକ ନଗର ଭିତ୍ତିଭୂମିର ବିକାଶ

ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପୁରୀର ଦିଗବାରେଣୀଠାରେ ନିର୍ମାଣାଧୀନ ବହୁମୁଖୀ ଲେଭୁଲ କାର୍ ପାର୍କିଂ ପ୍ରକଳ୍ପସ୍ଥଳ ପରିଦର୍ଶନ କରି ଶ୍ରୀ ହରିଚନ୍ଦନ ଆଜି ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପାର୍କିଂ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିବା ସହିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଅଧିକ ସୁବିଧା ପାଇବା ସହିତ ପୁରୀର ନଗର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ କହିଛନ୍ତି।

Puri

## ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା

ଆଧୁନିକ, ସହନଶୀଳ ଓ ନାଗରିକ ଅନୁକୂଳ ସହରାଞ୍ଚଳ ଗଠନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ସମଗ୍ର ରାଜ୍ୟରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୪୯୪ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପୁରୀ ଜିଲ୍ଲା ଓସ୍ୱାନ ହଲ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଆଭାସୀ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସହିତ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୩୭ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଏହି ପ୍ରକଳ୍ପଗୁଡ଼ିକରେ ମୋଟ୍ ୭୪ କୋଟି ୮୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼, ନାଗରିକ କୈନ୍ଦ୍ରିକ ଓ ସହରବାସୀଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଏହାର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମର ଅଂଶସ୍ୱରୂପ ୩୧ଟି ପୌରାଞ୍ଚଳରେ ୩୬ କୋଟି ଅଣାନବେ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୩୪୪ଟି ସମ୍ପୂର୍ଣ୍ଣ

ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାସ୍ତା, ନିଷ୍କାସନ ବ୍ୟବସ୍ଥା, ଗୋଷ୍ଠୀଗତ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଜନସେବା ସାମିଲ ରହିଛି ।

Bhadrka/Desk

# ପାଣିପାଗ

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ।

**- V/O -**

ଝାରସୁଗୁଡ଼ା ଜିଲ୍ଲାର ଲଖନପୁରରେ ଆଜି ସର୍ବାଧିକ ୧୩୮ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ଅନ୍ୟପକ୍ଷରେ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ଦୃଷ୍ଟିରେ ରଖି ଆସନ୍ତା ଗୁରୁବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ ବୋଲି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୪ ଦଶମିକ ୧/୨ ଫୁଟ ରହିଛି ।

ଭଦ୍ରକ ଜିଲ୍ଲାର ବୈତରଣୀ ନଦୀ ଆଖୁଆପଦାଠାରେ ଆଜି ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ୧୮ ଦଶମିକ ୧/୭ ମିଟର ରହିଥିଲା। ବୈତରଣୀ ନଦୀରେ ଜଳବୃଦ୍ଧି ଯୋଗୁଁ ଧାମନଗର ବ୍ଲକ ଏବଂ ଭଣ୍ଡାରୀପୋଖରୀର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ଲଘୁଚାପ ବର୍ଷାରେ ଜିଲ୍ଲାର ବନ୍ତ, ବାସୁଦେବପୁର, ତିହିଡ଼ି ଏବଂ ଚାନ୍ଦବାଲି ଭଳି ୭ଟି ବ୍ଲକ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Puri

## ଶ୍ରୀମନ୍ଦିର ଜମି ପଟ୍ଟା ସଂଶୋଧନ

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ପୁରୀ ଏବଂ ମାର୍ଫତଦାରଙ୍କ ନାମରେ ଥିବା ଜମିର ପଟ୍ଟା ସଂଶୋଧନ କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ପିପିଲି ତହସିଲରେ ମୋଟ ୮୨ଟି ଖାତାରେ ଥିବା ୭୭ ଦଶମିକ ୨/୦ ଏକର ଜମିର ଖତିଆନ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ସମ୍ପର୍କିତ ଏକ ରିପୋର୍ଟ ପିପିଲି ତହସିଲଦାର' ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ ରେକର୍ଡ ସଂରକ୍ଷଣ ଏବଂ ଆଇନଗତ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ତଥା ରାଜସ୍ୱ ପ୍ରଶାସନର ସ୍ୱଚ୍ଛତା ବଜାୟ ରଖିବା ସହ ଭବିଷ୍ୟତରେ ଜମି ସମ୍ବନ୍ଧୀୟ

ବିବାଦ ରୋକିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ପାଢ଼ି କହିଛନ୍ତି।

Nayagada

## ଶ୍ୟାମପ୍ରସାଦ ମୁଖାର୍ଜୀ ଜନ୍ମ ବାର୍ଷିକୀ

ନୟାଗଡ଼ ଜିଲ୍ଲାରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ବାର୍ଷିକୀ ଅବସରରେ ଏକ ଛାତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ ପାଣିଗ୍ରାହୀ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ଜାତୀୟବାଦୀ ଚିନ୍ତାଧାରା ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଜୀବନ ଓ ଆଦର୍ଶ ଆଗାମୀ ପିଢ଼ିକୁ ଦେଶପ୍ରେମ, ଏକତା ଓ ରାଷ୍ଟ୍ର ନିର୍ମାଣ ପାଇଁ ନିରନ୍ତର ପ୍ରେରଣା ଯୋଗାଇବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

Debagada/SBLPUR/Nayagada/Nabarangpur

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ପଞ୍ଜୀକୃତ ୬୦ଟି ଅଭିଯୋଗ ମଧ୍ୟରୁ ୫ଟିର ସମାଧାନ ସହିତ ଅନ୍ୟ ସମସ୍ତ ଅଭିଯୋଗକୁ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ପଞ୍ଜୀକୃତ ୧୮୮ଟି ଅଭିଯୋଗ ମଧ୍ୟରୁ ୯୩ଟିର ତତ୍କାଳ ସମାଧାନ କରାଯାଇଥିଲା।

ସମ୍ବଲପୁର ଧନକଉଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଅଭିଯୋଗ ଶିବିରରେ ୩୭ଟି ଆବେଦନ ଉପରେ ଶୁଣାଣି ହୋଇଛି।

ଦେବଗଡ଼ ଅଭିଯୋଗ ଶୁଣାଣି ଶିବିରରେ ୩୨ଟି ଅଭିଯୋଗର ଶୁଣାଣି ହୋଇଛି।

Nayagada

## ବନ ମହୋତ୍ସବ

ନୟାଗଡ଼ ଜିଲ୍ଲା ରଣପୁର ବନାଞ୍ଚଳ ପକ୍ଷରୁ ନୂଆପଡ଼ା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଚାରାରୋପଣ କରିବା ସହିତ ଏହାର ଯତ୍ନ ନେବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରଣପୁର ବିଜ୍ଞପ୍ତିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଓ ବନାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ।